# Akashvani, Sambalpur

## SAMBALPURI NEWS EVENING BULLETIN

## 7 August 2024- 7.02 pm- 7.12 pm.

*********************************************

୧- ସ୍ୱଦେଶୀ ଆନ୍ଦୋଳନ୍‌କେ ସୋର୍ ପକେଇକରି ଦେଶେ ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ହସ୍ତତନ୍ତ ଦିବସ୍ ।

- ଦେଶେ ହସ୍ତତନ୍ତ ର ଗୁଟେ ମହାନ୍ ପରମ୍ପରା ଆଉ ଐତିହ୍ୟ ରହିଛେ - କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ରାଜ୍ୟସଭା ନ ଓଡ଼ିଶାର୍ ଗୁଟେ ଆସନ୍ ସହେତେ ୧୨ ଟା ଆସନ୍ ଲାଗି ଆଏବା ମାସର୍ ୩ ତାରିଖ୍ ଦିନ ହେବା ଉପ ନିର୍ବାଚନ୍ ।

୩- ଉଠା ଜଲ୍‌ସେଚନ୍ ପ୍ରକଳ୍ପମାନ୍‌କର୍ ପୁନରୁଦ୍ଧାର୍ ଲାଗି ୧ ହଜାର୍ ୮୪ କୋଟି ଟଙ୍କାର୍ ବ୍ୟୟବରାଦ୍ କଲେ ରାଜ୍ୟ ସର୍‌କାର୍ ।

୪- ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀଜୀଉମାନ୍‌କର୍ ହେଉଛେ ବନକଲାଗି ନୀତି ।

ଆଉର୍

୫- ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଘୂର୍ଣ୍ଣିବଲୟର୍ ବଲେ ଆଏବାକାଏଲ୍‌ତକ୍ ରାଏଜେ ଲାଗି ରହେବା ବର୍ଷା ।

ଜାତୀୟ ହସ୍ତତନ୍ତ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ ଜାତୀୟ ହସ୍ତତନ୍ତ ଦିବସ । ହସ୍ତତନ୍ତର୍ ପ୍ରଚାର ଆଉ ପ୍ରସାର କର୍‌ବାର ସାଂଗେ ବୁଣାକାର ମାନଙ୍କୁ ତହଁକାବାର ଲାଗି ୨୦୧୫ ମସିହାନୁ ଫି ବଛର ଅଗଷ୍ଟ ୭ ତାରିଖକେ କେନ୍ଦ୍ର ସରକାରଙ୍କର ବୟନ ଆର ହସ୍ତତନ୍ତ ମନ୍ତ୍ରଣାଳୟ ତରଫୁ ଜାତୀୟ ହସ୍ତତନ୍ତ ଦିବସ ହିସାବେ ପାଲନ କରାଯାଉଛେ । ୧୯୦୫ ମସିହାଥି ଆଝିର୍ ଦିନେ ସ୍ୱଦେଶୀ ଆନ୍ଦୋଲନ୍ ମୁଲ୍ ହେଇଥିଲା । ଇ ଦିନ୍‌କେ ସୋର୍ ରଖିବାର୍ ଲାଗି ଜାତୀୟ ହନ୍ତତନ୍ତ ଦିବସ୍ ଭାବେ ପାଲନ୍ କରାଯାଉଛେ । ଦେଶର୍ ସାମାଜିକ୍ ଆର୍ ଆର୍ଥିକ୍ ଉନ୍ନତିଥି ହସ୍ତଶିଳ୍ପ ଆଉ ହସ୍ତତନ୍ତର ବଡ୍ ଭୂମିକା ରହିଛେ ।

ହସ୍ତତନ୍ତ ଦିବସ୍- ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

୧୦ ନମ୍ବର୍ ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ ଅବ୍‌ସରେ ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶେ ହସ୍ତତନ୍ତର୍ ଗୁଟେ ମହାନ୍ ପରମ୍ପରା ଆଉ ଐତିହ୍ୟ ରହିଛେ ବଲି କହିଛନ୍ ।

ସାମାଜିକ୍ ଗଣମାଧ୍ୟମ୍ ଜରିଏ ସେ 'ଭୋକାଲ୍ ଫର୍ ଲୋକାଲ୍' ବିଷେକେ ଦୋହରାବାର୍ ସହେତେ ବୁଣାକାର୍‌ମାନ୍‌କର୍ ପ୍ରତିଷ୍ଠାକେ ଉଚ୍ଚପ୍ରଶଂସା କରିଛନ୍ ।

ଇ ଅବ୍‌ସରେ ଦେଶ୍ ଆଉ ରାଜ୍ୟର୍ ସବୁ ବୁଣାକାର୍‌ମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ଓଡ଼ିଶାର୍ ହସ୍ତତନ୍ତ ଐତିହ୍ୟ, କଳା, ପରମ୍ପରା ଆଉ ସଂସ୍କୃତିର୍ ଅବିଚ୍ଛେଦ୍ୟ ଅଙ୍ଗ ଆଏ ବଲି ସେ କହିଛନ୍ । ବୁଣାକାର୍ ମାନ୍‌କର୍ ସାମାଜିକ୍ ଆର୍ ଅର୍ଥନୈତିକ୍ ଉନ୍ନତି ଲାଗି ରାଜ୍ୟ ସର୍‌କାର୍ ଭିନ୍ ଭିନ୍ କଲ୍ୟାଣ୍‌ମୂଲକ୍ ଯୋଜନା କାର୍ଯ୍ୟକାରୀ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ସେଆଡ଼େ ରାଜ୍ୟ ହସ୍ତତନ୍ତ ଆଉ ବୟନଶିଳ୍ପ ବିଭାଗ୍ ତର୍‌ଫୁ ହପ୍ତାକ ଦିନେ ହସ୍ତତନ୍ତ ବସ୍ତ୍ର ପିନ୍ଧ୍‌ବାର୍ ଲାଗି ବିଭାଗ୍ ତର୍‌ଫୁ କର୍ମଚାରୀମାନ୍‌କୁ କୁହାଯାଇଛେ । ବୟନିକ, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଆର୍ ଅମ୍ଳାନ୍ ବିକ୍ରୟ କେନ୍ଦ୍ରମାନ୍‌କେ ହାତ୍‌ବୁନା ପିନ୍ଧନ୍‌ପଟା ଉପ୍‌ରେ ଆଏଜ୍‌ଠାନୁ ଆଏବା ୧୫ ତାରିଖ୍‌ତକ୍ ସ୍ୱତନ୍ତ୍ର ରିହାତି ମିଳିପାର୍‌ବା ।

ହସ୍ତତନ୍ତ ଦିବସ୍-୧ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ୍‌ର ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନ୍ ଠାନେ ନିର୍ଦ୍ଦେଶକ ଏମ୍. ଆନନ୍ଦନ୍ ଙ୍କର୍ ସଭାପତିତ୍ୱଥି ଗୁଟେ ସଭାଥି ହସ୍ତତନ୍ତ ବର୍‌ଗଡ଼୍ ଜିଲ୍ଲାର୍ ଗର୍ବ ଆର୍ ଗୌରବ୍ ଭାବେ ଅର୍ଥନୀତିକେ ବର୍‌କସ୍ କରିଛେ ବଲି ବକ୍ତାମାନେ କହିଛନ୍ । ଇ ଅବ୍‌ସରେ ବର୍‌ଗଡ଼୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲାର୍ ୧୩ ଝନ୍‌କୁ ସନ୍ଥକବିର ପୁରସ୍କାର୍ ଆଉ ଜାତୀୟ ପୁରସ୍କାର୍ ପାଇଥିବା ବୁଣାକାର୍‌ମାନ୍‌କୁ ସମ୍ମାନିତ୍ କରାଯାଇଥିଲା । ଇନ ହସ୍ତତନ୍ତ ଫେସନ୍ ସୋ ଆର୍ ଜିଓ ଟେଗ୍ ଥିବା ହସ୍ତତନ୍ତ ପ୍ରଦର୍ଶନୀ କରାଯାଇଥିଲା । ଇନ ହେଇଥିବା ଗୁଟେ ଶିବିର୍‌ଥି ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ରାଜ୍ୟ କେବିନେଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ କେବିନେଟ୍‌ର ଗୁଟେ ବୈଠକ୍ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ଇ ବୈଠକ୍‌ଥି ଶିଳ୍ପ, ସ୍ୱାସ୍ଥ୍ୟ, ଜଳସମ୍ପଦ୍ ବିଭାଗ୍‌ର କେତେଟା ପ୍ରସ୍ତାବ୍‌କେ ମଞ୍ଜୁର୍ କରାଯାଇଥିବାର୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା ଜନେଇଛନ୍ ।

ରାଜ୍ୟସଭା ଉପ ନିର୍ବାଚନ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟସଭା ନ ଖାଲି ପଡ଼ିଥିବା ୧୨ ଟା ଆସନ୍ ଲାଗି ଆଏବା ମାସର୍ ୩ ତାରିଖ୍ ଦିନ ଉପ ନିର୍ବାଚନ୍ ହେବା । ଓଡ଼ିଶାର୍ ମମତା ମହନ୍ତ ରାଜ୍ୟସଭାନୁ ଇସ୍ତଫା ଦେବାର୍ ଉତ୍ରୁ, ଇ ଆସନ୍ ଲାଗି ଭିଲ୍ ଉପ ନିର୍ବାଚନ୍ କରାଯିବା ବଲି ଜନାପଡ଼ିଛେ ।

ଉପମୁଖ୍ୟମନ୍ତ୍ରୀ- ଆମେରିକା ବାଣିଜ୍ୟ ଦୂତ

ଆର୍ଏନ୍ୟୁ / ସମ୍ବଲପୁର

ଯୁକ୍ତରାଷ୍ଟ୍ର ଆମେରିକାର୍ ବାଣିଜ୍ୟ ଦୂତ ଜେନିଫର୍ ଲାର୍ସନ୍ - ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ଭେଟିଛନ୍ । ଆମେରିକା ଆଉ ଓଡ଼ିଶା ଭିତ୍ରେ ସମନ୍ୱୟ ରକ୍ଷା ସହେତେ ସମ୍ପର୍କକେ ବର୍କସ୍ କର୍ବାର୍ ଲାଗି ଲାର୍ସନ୍ ପ୍ରତିଶ୍ରୁତି ଦେଇଥିଲେ । ନିବେଶକ୍ମାନ୍କୁ ଆକୃଷ୍ଟ କର୍ବାର୍ ଦିଗେ ଓଡ଼ିଶା ନ ପର୍ଯ୍ୟାପ୍ତ ସୁଯୋଗ୍ ରହିଛେ । ରାଏଜେ ପର୍ଯ୍ୟଟନ୍ ସମ୍ଭାବନାକେ ତୁର୍ତି କର୍ବାର୍ ଦିଗେ ପଦକ୍ଷେପ୍ ଗ୍ରହଣ୍ କରାଯାଉଛେ ବଲି ଶ୍ରୀ ସିଂହଦେଓ କହେବାର୍ ସହେତେ ସାମଗ୍ରୀକ ପରିବହନ୍ କ୍ଷେତ୍ର ନ ରାଜ୍ୟକେ ଗୁଟେ ଗନ୍ତବ୍ୟସ୍ଥଲ୍ ଭାବେ ଗଢ଼୍ବାର୍ ଲାଗି ରାଜ୍ୟ ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ଭିଲ୍ ଆଲୋଚନା ସମିଆଥି ଉପ-ମୁଖ୍ୟମନ୍ତ୍ରୀ କହିଥିଲେ ।

ସେତୁ - ଆଡ଼ିବନ୍ଧ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଫି’ ସେତୁଥି ଆଡ଼ିବନ୍ଧ ତିଆର୍ କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ଗ୍ରାମ୍ୟ ଉନ୍ନୟନ୍, ପଂଚାୟତ୍‌ରାଜ୍ ଆଉ ପାନୀୟଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସମ୍ବଲ୍‌ପୁର୍ ଜିଲ୍ଲା ବାମ୍‌ରା ପଂଚାୟତ୍ ସମିତି ବୈଠକ୍‌ଥି ସେ ଇ ବିଷେ କହେବାର୍ ସହେତେ ଲୁକ୍‌କର୍ ପାଖ୍‌କେ ଯାଇକରି ସମସ୍ୟା ମାନ୍‌କର୍ ସମାଧାନ୍ କର୍‌ବାର୍‌କେ ସରପଂଚ୍ ଆଉ ସମିତି ସଭ୍ୟମାନ୍‌କୁ ପରାମର୍ଶ ଦେଇଥିଲେ । ବୈଠକ୍‌ଥି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ୍ ସଂସ୍ଥା, ଜିଲ୍ଲା ପରିଷଦ୍, କୃଷି ଆଉ ଉଦ୍ୟାନ୍, ପାନୀୟ ଜଳ ଆଉ ସ୍ୱାସ୍ଥ୍ୟ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର       ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ଅଚଲ୍ ଉଠା ଜଲ୍‌ସେଚନ୍ ପ୍ରକଳ୍ପର୍ ପୁନରୁଦ୍ଧାର୍ ସହେତେ ପୁର୍‌ନା ସଚଲ୍ ପ୍ରକଳ୍ପର୍ ସଦୃଢ଼ୀକରଣ୍ ଯୋଜ୍‌ନାକେ ଆଉ ୫ ବରସ୍‌ତକ୍ ବଢ଼େଇଛନ୍ । ୨୦୨୪-୨୫ ନୁ ୨୦୨୮-୨୯ ଆର୍ଥିକ୍ ବରସ୍‌ତକ୍ ଇ ଯୋଜ୍‌ନାକେ ବଢ଼ାଯାଇଛେ । ଇଥିର୍‌ଲାଗି ସର୍‌କାର୍ ୧ ହଜାର୍ ୮୪ କୋଟି ୩୮ ଲାଖ୍ ଟଙ୍କା ବ୍ୟୟବରାଦ୍ କରିଛନ୍ । ଜଲ୍‌ସମ୍ପଦ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଅଚଲ୍ ଆଉ ବେଭାର୍ ନାଇଁ

ହେଇକରି ପଡ଼ିଥିବା ୨ ହଜାର୍ ୬୫ ଟା ପ୍ରକଳ୍ପର୍ ପୁନରୁଦ୍ଧାର୍ କରାଯାଇକରି ୫୯ ହଜାର୍ ୨ ଶହ ୯୨ ହେକ୍ଟର୍ ଚାଷ୍ ଜମିକେ ଫେର୍‌ଘାଏ ଜଲ୍‌ସେଚନ୍ କରାଯିବା । ସେନ୍ତା ବହୁତ୍ ଦିନ୍ ହେଲା ବେଭାର୍ କରାଯାଉଥିବାର୍ ୧୦ ହଜାର୍ ଶହେ ୫୨ ଟା ପ୍ରକଳ୍ପକେ ବର୍‌କସ୍ କରାଯିବା । ଇତାର୍ ଜରିଏ ୨ ଲାଖ୍ ୨୬ ହଜାର୍ ୮ ଶହ ୮୬ ହେକ୍ଟର୍ ଜମିକେ ଜଲ୍‌ସେଚନ୍ ସହେତେ ଅଚଲ୍ ପ୍ରକଳ୍ପର୍ ସଂଖ୍ୟା କମ୍‌ବା । ଇ ଆର୍ଥିକ୍ ବଛ୍‌ରେ ଅଚଲ୍ ଥିବାର୍ ୧ ହଜାର୍ ଉଠା ଜଲ୍‌ସେଚନ୍ ପ୍ରକଳ୍ପକେ ସଚଲ୍ କରାଯିବାର୍ ଲାଗି ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଲକ୍ଷ୍ୟ ଧାରିଜ୍ କରାଯାଇଛେ ।

ବନକଲାଗି ନୀତି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେଉଛେ । ଇଥିର୍‌ଲାଗି ୨ ନମ୍ବର୍ ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ରାତିର୍ ୯ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ । ବନକଲାଗି ଉତ୍‌ରୁ ଶ୍ରୀଜୀଉମାନ୍‌କର୍ ମହାସ୍ନାନ ନୀତି ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ସାଙ୍କେତିକ ଭାଷା ତାଲିମ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୫୫ ଟା ଶ୍ରବଣବାଧିତ ସ୍ୱତନ୍ତ୍ର ସ୍କୁଲ୍‌ର ୪ ହଜାର୍ ଛାତ୍ରଛାତ୍ରୀଙ୍କୁ ସାଙ୍କେତିକ ଭାଷା ତାଲିମ୍ ଦିଆଯିବା । ଇତାର୍‌ସହେତେ ୮ ଶହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭିଲ୍ ତାଲିମ୍ ଦିଆଯିବା । ହେନ୍ତା ପାଖାପାଖି ଶହେ ଝନ୍ ଦକ୍ଷ, ସାଙ୍କେତିକ୍ ଭାଷା ଅନୁବାଦକଙ୍କୁ ନେଇକରି ଗୁଟେ କେଡ଼ର୍ ତିଆର୍ କରାଯିବା । ଇଥିର୍‌ଲାଗି ଓଡ଼ିଶା ସର୍‌କାର୍‌ଙ୍କର୍ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ଅଲି ଜବର୍ ଜଙ୍ଗ୍ ନେସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପିଚ୍ ଏଣ୍ଡ ହିୟରିଙ୍ଗ ଡିଜାବିଲିଟିଜ୍ ଭିତ୍‌ରେ ଗୁଟେ ରାଜିନାମା ସ୍ୱାକ୍ଷର୍ ହେଇଛେ । ଗଲାକାଏଲ୍ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପ୍ରମୁଖ ଶାସନ୍ ସଚିବ ଆର୍ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଖରିଫ୍ ଚାଷ୍- ସମ୍ବଲପୁର     ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଚଲ୍‌ତି ଖରିଫ୍ ଋତୁ ନ ୧ ଲାଖ୍ ୯୩ ହଜାର୍ ୩ ଶହ ୩୦ ହେକ୍ଟର୍ ଜମିଥି ଭିନ୍ ଭିନ୍ କିସମ୍‌ର ଚାଷ୍ କରାଯିବା । ଇତାର୍‌ଭିତ୍‌ରୁ ପାଖାପାଖି ୧ ଲାଖ୍ ୬ ହଜାର୍ ହେକ୍ଟର୍ ଜମି ନ ଧାନ୍ ଚାଷ୍ ଲାଗି ଜିଲ୍ଲା କୃଷି ନୀତି ନିର୍ଦ୍ଧାରଣ କମିଟି ତର୍‌ଫୁ ନିଷ୍ପତି ନିଆଯାଇଛେ । ଇଥର ୩ ଲାଖ୍ ୬ ହଜାର୍ ୬ ଶହ ୧୭ ମିଲିଅନ୍ ଟନ୍ ଧାନ୍ ଉତ୍ପାଦନ୍

କରାଯିବା । ଚାଷୀମାନ୍‌କୁ ଭିନ୍‌ଭିନ୍ ସବ୍‌ସିଡି ଆର୍ ସହାୟତା ଦେବାର୍ ଲାଗି ଡିବିଟି ବେଭାର୍, ଜଲ୍‌ସମ୍ପଦ୍ ବିଭାଗ୍ ଆଉ କୃଷି ବିଭାଗ୍ ଭିତ୍‌ରେ ସମନ୍ୱୟ କରିଏ ଜଲ୍‌ସେଚନ୍ ବ୍ୟବସ୍ଥା ମୃତିକା ସ୍ୱାସ୍ଥ୍ୟକାର୍ଡ଼ ଆର୍ ସାର୍ ବେଭାର୍ ପରିଚାଲନା କରାଯାଇକରି ଶସ୍ୟ ଉତ୍ପାଦନ୍‌କେ ବଢ଼ାବାର୍ ଲାଗି ବୈଠକ୍‌ଥି ଥିର୍ କରାଯାଇଥିବାର୍ ଜନାପଡ଼ିଛେ ।

ବୃକ୍ଷଚାରା ବିତରଣ୍-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବନଖଣ୍ଡ ଇଲାକା ନ ପରିବେଶ୍ ସଂରକ୍ଷଣ୍ ଆର୍ ଲୁକ୍‌କୁ ରୋଜ୍‌ଗାର୍‌କ୍ଷମ କର୍‌ବାର୍ ଲାଗି କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଆଏଜ୍ ବଦି ଗ୍ରାମ୍‌ପଂଚାୟତ୍‌ର ପଦମ୍‌ପୁର୍‌ଠାନେ ଲୁକ୍‌କୁ ଭିନ୍ ଭିନ୍ କିସମ୍‌ର ଫଳବୃକ୍ଷଚାରା ବିତରଣ୍ କରାଯାଇଥିଲା । ଇଟା ଗାଁର୍ ଲୁକ୍‌କର୍ ଆର୍ଥିକ୍ ଉନ୍ନତିଥି ସାହାଜ୍ କର୍‌ବା ବଲି ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ୍ କହିଛନ୍ ।

ଏକ୍ ଭାରତ୍- ଶ୍ରେଷ୍ଠ ଭାରତ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଭାରତ୍ ସରକାର୍‌ଙ୍କର୍ ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ସୁବର୍ଣ୍ଣପୁର୍ ପି.ଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଠାନେ 'ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍' କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ମହାରାଷ୍ଟ୍ରର୍ ପ୍ରସିଦ୍ଧ ଲାବଣୀ ଲୋକନୃତ୍ୟ ଆର୍ ଓଡ଼ିଶାର୍ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀର ସାଂସ୍କୃତିକ ବିନିମୟ ହେଇଥିଲା । ସୁବର୍ଣ୍ଣପୁର୍ କେନ୍ଦ୍ରୀୟ ବିଦ୍ୟାଳୟର୍ ଛାତ୍ରୀମାନେ ଲାବଣୀ ନୃତ୍ୟ ଆର୍ ମହାରାଷ୍ଟ ଭଣ୍ଡାରା କେନ୍ଦ୍ରୀୟ ବିଦ୍ୟାଳୟ ତର୍‌ଫୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଇ ଅବ୍‌ସରେ ବିଦ୍ୟାଳୟର୍ ଅଧ୍ୟକ୍ଷ ଦିଗନ୍ତ ମହାପାତ୍ର ବିବିଧତା ଭିତ୍‌ରେ ଏକତା ହେଉଛେ ଦେଶର୍ ଶ୍ରେଷ୍ଠ ସଂହତି ଆଉ ଜାତୀୟତା ବଲି କହିଥିଲେ ।

ଝାଡ଼ାବାନ୍ତି କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ଜୟପାଟଣା ବ୍ଲକ୍‌ର ଟିଙ୍ଗୋପଖାନ୍ ଗାଁ ନ ଝାଡ଼ାବାନ୍ତି ସଂକ୍ରମଣ୍‌ଥି ଆକ୍ରାନ୍ତଙ୍କର୍ ସଂଖ୍ୟା ୨୯ ଥି ପୁହୁଁଚିଛେ । ଗାଁ ନ ଅସ୍ଥାୟୀ ମେଡ଼ିକାଲ୍ କେମ୍ପ୍ କରାଯାଇଛେ । ଡାକ୍ତରୀ ଦଲ୍ ଘର୍‌କେ ଘର୍ ବୁଲିକରି ସଚେତନ୍ କରୁଛନ୍ । ଗୁରୁତର୍ ଆକ୍ରାନ୍ତ ମାନ୍‌କୁ ଜୟପାଟ୍‌ଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଉ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଚିକିତ୍ସା କରାଯାଉଛେ । ଆଏଜ୍ କଲାହାଣ୍ଡି ଜିଲ୍ଲାପାଲ୍ ପି. ଅନ୍ୱେଷା ରେଡ୍ଡୀ ଜୟପାଟ୍‌ଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକେ

ଯାଇକରି ସଂକ୍ରମିତଙ୍କର୍ ସ୍ୱାସ୍ଥ୍ୟବସ୍ଥା ବୁଝ୍‌ବାର୍ ସହେତେ ଥିତିର୍ ଅନୁଧାନ୍ କରିଛନ୍ ।

ସଡ଼କ୍ ଯାତାୟତ ପ୍ରଭାବିତ୍ ସୁବର୍ଣ୍ଣପୁର୍/ ବୌଦ୍ଧ

ସମ୍ବାଦଦାତା

ଜବର୍ ବର୍ଷା ଲାଗି ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍-ଅମର୍‌ପାଲି ରାସ୍ତାର୍ ଘୁଙ୍ଗିନାଲା ଉପ୍‌ରେ ବଢ଼ିପାଏନ୍ ଛୁଟୁଥିବାର୍‌ନୁ ସେ ରାସ୍ତାଥି ଯା'ଆସ୍ ପ୍ରଭାବିତ୍ ହେଇଛେ । ବୀର୍‌ମହାରାଜ୍‌ପୁର୍ ବ୍ଲକ୍ ସଦର୍ ମହକୁମାନୁ ଲୁତୁର୍‌ପଙ୍କ୍, ବହଲ୍‌ପଦର୍, ଦୁର୍ଜନ୍‌ତୈଲା ଗ୍ରାମ୍‌ପଂଚାୟତ୍ ସହେତେ ସମ୍ବଲ୍‌ପୁର୍ ଜିଲ୍ଲାର୍ ଯୁଯୁମୁରା, ମୋତିବାହାଲ୍ ଆର୍ ରେଢ଼ାଖୋଲ୍ ଅଂଚଲ୍‌କେ ଯାତାୟାତ୍ ବାଧାପ୍ରାପ୍ତ ହେଇଥିବାର୍ ଜନାପଡ଼ିଛେ ।

ହେନ୍ତା ଜବର୍ ବର୍ଷା ଲାଗି ବୌଦ୍ଧ ଜିଲ୍ଲା ନ ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍ ସହେତେ କଂଟାମାଲ୍ ବ୍ଲକ୍‌ର ଆମ୍ବଗାଁ ଆଉ ଲଣ୍ଡାବାହାଲ୍ ରାସ୍ତା, ହର୍‌ଭଙ୍ଗା ବ୍ଲକ୍‌ର ଜଗନ୍ନାଥ ସଡ଼କ୍ ଉପ୍‌ରେ ପାଏନ୍ ଯାଉଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ଇତାର୍ ପାଶର୍ ବାଂଲାଦେଶ୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଆଏବା ୨୪ ଘଂଟା ଭିତ୍‌ରେ ଲଘୁଚାପ୍‌ର ରୂପ୍ ନେବା ବଲି ଭୁବ୍‌ନେଶ୍ୱର୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଇତାର୍‌ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବା । ସୁନ୍ଦର୍‌ଗଡ୍, ସମ୍ବଲପୁର, ଝାର୍‌ସୁଗୁଡ଼ା, ଦେବ୍‌ଗଡ୍, ମାଲ୍‌କାନ୍‌ଗିରି ଆଉ କୋରାପୁଟ୍ ଜିଲ୍ଲା ନ ଅତି ପ୍ରବଲ୍ ବର୍ଷା ହେବାର୍ ଅନୁମାନ୍ କରାଯାଇଛେ ।